# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୦୨/୨୬

## ଜିଲ୍ଲା-ଯାଜପୁର

ତା.୦୬.୦୧.୨୦୨୬

**ପାଣିପାଗ ପୂର୍ବାନୁମାନ (ତା.୧୧.୦୧.୨୦୨୬ ପର୍ଯ୍ୟନ୍ତ)-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,**ଜିଲ୍ଲାରେ ଆସନ୍ତା ୫ ଦିନ** ଶୁଖିଲା ପାଗର **ସମ୍ଭାବନା ଅଛି ।** ପବନର ବେଗ ୦୫ -୦୬ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୨୬-୨୮ °C ଏବଂ ୧୨-୧୩°C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 2026-01-07 | 0 | 23 | 11 | 0 | 75 | 27 | 8 | 5 |
| | 2026-01-08 | 0 | 24 | 11 | 0 | 63 | 25 | 6 | 349 |
| | 2026-01-09 | 0 | 25 | 12 | 2 | 61 | 24 | 7 | 354 |
| | 2026-01-10 | 0 | 25 | 12 | 3 | 59 | 20 | 7 | 354 |
| | 2026-01-11 | 0 | 26 | 13 | 3 | 57 | 24 | 8 | 338 |

### ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| | | |
|---|---|---|
| **ସାଧାରଣ ଉପଦେଶ** | ➢ ଘନ କୁହୁଡ଼ି ହେବାର ସମ୍ଭାବନା ଥିବାରୁ, ରବି ଫସଲ ଏବଂ ପନିପରିବାରେ ଶୋଷକ କୀଟ, ପତ୍ର ପୋଡ଼ା ଏବଂ ପାଉଁଶିଆ ରୋଗ ଆକ୍ରମଣର ସମ୍ଭାବନା ରହିଛି ,ତେଣୁ ଏହାର ନିରାକରଣ କରନ୍ତୁ ।<br>➢ ରବି ପନିପରିବାରେ ଘାସ ବାଛି କୋଡା ଖୋସା କରନ୍ତୁ ।<br>➢ କୁହୁଡ଼ି, କମ୍ ତାପମାତ୍ରା ରୁ ଫସଲକୁ ରକ୍ଷା କରିବା ପାଇଁ ସକାଳ ସମୟରେ ଠିଆ ଫସଲ ଏବଂ ପନିପରିବାକୁ ହାଲୁକା ଜଳସେଚନ କରନ୍ତୁ। | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ଅମଳ ପରବର୍ତୀ ଅବସ୍ତା** | ➢ ଗୋଦାମ ରେ ପୋକ ନ ଆସିବା ପାଇଁ ଲମ୍ବଡା ସିଯାହାଲୋଥ୍ରିନ 4.9CS @ 1.5ml / li ସ୍ପ୍ରେ କରନ୍ତୁ ଏବଂ ସଫା କରନ୍ତୁ ।<br>➢ ଖଳା ଏବଂ ସଂରକ୍ଷଣ ସ୍ଥାନକୁ ସ୍ୱଚ୍ଛ ଏବଂ ଜୀବାଣୁନାଶକ କରନ୍ତୁ। |
| **ସୋରିଷ** | **ଅଙ୍ଗୀୟ /ଫୁଲ ଅବସ୍ତା** | ➢ ମେଘୁଆ ଏବଂ କୁହୁଡିଆ ପାଗ ଯୋଗୁଁ ରୋଗ ଯଥା ପତ୍ର ଦାଗ ଏବଂ ' ଜଉ ପୋକ ର ନିରୀକ୍ଷଣ କରନ୍ତୁ। ଜମି ରେ ଜଉ ପୋକ ଦମନ କରିବା ପାଇଁ Acephate @୧.୫ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>➢ ୧୫-୨୦ଦିନ ବେଳକୁ ଅଧିକ ଗଛ ଅପଡି ପତଳା କରି ଦିଅନ୍ତୁ। ଗଛ ୨୦-୨୫ ଦିନର ହୋଇଗଲେ କୋଡାଖୋଷା କରି ଅନାବନା ଘାସ ବାଛି ୫୦% ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । |
| **ମୁଗ ଏବଂ ବିରି** | | ➢ ମୁଗ ଓ ବିରି ଫସଲରେ ପ୍ରାରମ୍ଭିକ ଅବସ୍ଥାରେ ଧଳାମାଛି ଓ ଅନ୍ୟାନ୍ୟ ଷୋଶକ କୀଟ ମାନଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାପାଇଁ ୧ କିଗ୍ରା ମଞ୍ଜି ପ୍ରତି ବିହନ ସହିତ (କାର୍ବୋକ୍ସିନ୍ + ଥିରାମ) @ 2 ଗ୍ରାମ୍ ବିହନ ବିଶୋଧନ କରି ବୁଣନ୍ତୁ କିମ୍ବା ଉପରୋକ୍ତ କୀଟନାଶକ ବ୍ୟବହାରର 7 ଦିନ ପରେ ବିହନ ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ରାଇଜୋବିୟମ୍ କଲଚର ସହିତ ବିହନ ବିଶୋଧନ କରନ୍ତୁ।<br>➢ ଶେଷ ଓଡ ଚାଷ ସମୟସର ଏକର ପ୍ରତି ୨ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡ଼ିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିଆ ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ।<br>➢ ଧାଡି କୁ ଧାଡି ବ୍ୟବଧାନ ୨୫ ସେ.ମି. x ୧୦ ସେ.ମି. ରଖନ୍ତୁ । |
| **ଚିନାବାଦାମ** | **ଅଙ୍ଗୀୟ ଅବସ୍ତା** | ➢ ଚିନାବାଦାମରେ ପତ୍ର ଦାଗ ରୋଗକୁ ନିୟନ୍ତ୍ରଣ ପାଇଁ ରିଡୋମିଲ୍ M-Z @ ୨ଗ୍ରାମ / ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ | |

| | | |
|---|---|---|
| ପନିପରିବା | ଫୁଲ ଅବସ୍ଥା | କୋବିଜାତୀୟ ପନିପରିବା -<br>➢ ଫୁଲକୋବିରେ ପୋକ ସଂକ୍ରମଣ ହେବାର ସମ୍ଭାବନା ଅଛି, ଆଜାଡିରାକ୍ଟିନ୍ 5% W / W @ 0.5 ମିଲି /ଲିଟର ପାଣି କିମ୍ବା ଏମାମେକ୍ଟିନ୍ ବେନୋଜୋଟ୍ 5% SG @ 0.4ଗ୍ରାମ / ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ \| ପ୍ରତିରୋପଣର ୩୦ ଏବଂ ୫୦ ଦିନ ପରେ ଅମଳ ବୃଦ୍ଧି କରିବାକୁ ବୋରାକ୍ସ (10.5% B) @ 3 g / ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ \|<br>➢ କୋବିଜାତୀୟ ପନିପରିବା ଫସଲେର ଆଲଟରନରିଆ ପତ୍ର ଦାଗ ରୋଗର ପରିଚାଳନା ପାଇ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ଭା Carbendazim ଓ Mancozeb ର ମିଳିତ ଫି ମ୍ପିନାଶକକୁ ୨୦୦ ଲିଟର ପାଣିର ମିଶାଇ ସିଂଚନ କରନ୍ତୁ । |
| ଫଳ | ଫୁଲ ଅବସ୍ଥା | ❖ କଦଳୀ- ସିଗାଟୋକା ଲିଫ ସ୍ପଟ ରୋଗର ପ୍ରକୋପକୁ କମ୍ କରିବା ପାଇଁ (କାରବେଣ୍ଡାଜିମ + ମ୍ୟାଙ୍କୋଜେବ) ୨ଗ୍ରାମ/ଲିଟର ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ । |
| ପଶୁପାଳନ | | ❖ ପଶୁମାନଙ୍କୁ ନିୟମିତ ଭାବେ ଲୁଣ ସହିତ ଖଣିଜ ମିଶ୍ରଣ ଦିଆଯିବା ଉଚିତ ଏବଂ ପଶୁମାନଙ୍କର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୀତଋତୁରେ ଦୈନିକ ରାସନରେ ଗହମ ଶସ୍ୟ ଗୁଡ଼ ଇତ୍ୟାଦି 10%-20% ପ୍ରଦାନ କରନ୍ତୁ। |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital